## ପରିଷ୍କାର ପରିଚ୍ଛନ୍ନ ଉପାୟରେ ଶୁଖୁଆ ପ୍ରସ୍ତୁତି

ଆମ ସମାଜରେ ମାଛ ଏକ ସୁସ୍ୱାଦୁ ଖାଦ୍ୟ ଭାବେ ଅତି ଆଦୃତ । ଏହା ଅଧିକ ପୁଷ୍ଟିସାରଯୁକ୍ତ ଏବଂ ହୃଦ୍‌ରୋଗ ଭଳି ଅନେକ ମାରାତ୍ମକ ରୋଗର ମହୌଷଧି ବୋଲି ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିବା ପରେ ଆଜିକାଲି ଏହାର ଚାହିଦା ଧନୀ ଗରିବ ନିର୍ବିଶେଷରେ ବଢ଼ିଚାଲିଛି । ଏହି ପରିପ୍ରେକ୍ଷୀରେ ମାଛ ସଂରକ୍ଷଣ କରିବାର ଗୁରୁତ୍ୱ ବଢ଼ିଯାଇଛି ।

ମାଛ ମରିଯିବା ପରେ ନଷ୍ଟ ହେବାକୁ ଲାଗେ । ବ୍ୟବହୃତ ଖାଦ୍ୟସାମଗ୍ରୀମାନଙ୍କ ମଧ୍ୟରେ, କ୍ଷୀରକୁ ଛାଡ଼ିଦେଲେ, ମାଛ ସବୁଠାରୁ ଶୀଘ୍ର ନଷ୍ଟ ହୁଏ । ତେଣୁ ମାଛକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ବିଭିନ୍ନ ସଂରକ୍ଷଣ ପଦ୍ଧତି ଅବଲମ୍ବନ କରାଯାଇଥାଏ, ଯଥା ବରଫିକରଣ, ହିମୀକରଣ, ଶୁଖାଇବା ଇତ୍ୟାଦି । ଏହି ସବୁ ସଂରକ୍ଷଣ ପଦ୍ଧତି ଦ୍ୱାରା ଅଧିକ ଉତ୍ପାଦନ ସମୟରେ ମାଛକୁ ଭବିଷ୍ୟତ ବ୍ୟବହାର ପାଇଁ ରଖାଯାଏ ଏବଂ ଦୂରଦୂରାନ୍ତକୁ ପଠାଯାଏ ।

ମାଛ ସଂରକ୍ଷଣ ବିଭିନ୍ନ ପଦ୍ଧତିମାନଙ୍କ ମଧ୍ୟରେ, ମାଛକୁ ଖରାରେ ଶୁଖାଇ ଶୁଖୁଆ ତିଆରି କରିବା ଆମ ଦେଶର ଏକ ଲୋକପ୍ରିୟ ପାରମ୍ପାରିକ ପଦ୍ଧତି । ମାଛକୁ ନଷ୍ଟ କରିବା ପାଇଁ ଯେଉଁ କେତୋଟି କାରକ ଅଛନ୍ତି ସେମାନଙ୍କ ମଧ୍ୟରେ ଅଣୁଜୀବମାନଙ୍କ ଦ୍ୱାରା ମାଛର ବିଘଟନ ପ୍ରକ୍ରିୟା ମୁଖ୍ୟ । ମାଛକୁ ଶୁଖାଇବାଦ୍ୱାରା ଏହା ଶରୀରର ଜଳୀୟ ଅଂଶ କମିଯାଏ, ଯାହାଦ୍ୱାରା ଅଣୁଜୀବମାନେ ସେମାନଙ୍କ ବଂଶ ବୃଦ୍ଧି କରିପାରନ୍ତି ନାହିଁ । ତେଣୁ ମାଛର ବିଘଟନ ପ୍ରକ୍ରିୟା ହୁଏ ନାହିଁ କି ମାଛ ନଷ୍ଟ ହୁଏ ନାହିଁ । ଏହି କାରଣରୁ ଶୁଖୁଆ ତିଆରି କରି ମାଛକୁ ବହୁତ ଦିନ ପର୍ଯ୍ୟନ୍ତ ବ୍ୟବହାର କରିହୁଏ ।

## ଶୁଖୁଆ ପ୍ରସ୍ତୁତିର ପାରମ୍ପାରିକ ପଦ୍ଧତି

ସାଧାରଣତଃ କୋକଲି, କାରା ଓ କାବଲା ଭଳି ଛୋଟ ଛୋଟ ମାଛକୁ ସିଧାସଳଖ, ଖରାରେ ୨ରୁ ୩ ଦିନ ଶୁଖାଇ ସାଧା ଶୁଖାଆ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ବଡ଼ ବଡ଼ ମାଛ ଯଥା କାନାଗୁର୍ତା, ଇଲିଶୀ, ତୁମୁଡ଼ା, ଖଇଙ୍ଗା ଭଳି ମାଛକୁ ପିଠିପଟୁ କାଟି ଅନ୍ତନଳି ବାହାର କରି ଲୁଣକୁଣ୍ଡରେ ଲୁଣରେ ମିଶାଇ ରାତିଏ ରଖାଯାଏ, ଯାହାଦ୍ୱାରା କି ମାଛ ଦେହର ଅଧିକାଂଶ ଜଳୀୟ ଅଂଶ ବାହାରିଆସେ । ତା'ପରେ ତାକୁ ଖରାରେ ଶୁଖାଇ ଦିଆଯାଏ ।

ଖରାରେ ଶୁଖାଇବା ପାଇଁ ସାଧାରଣତଃ ଚାରୋଟି ପଦ୍ଧତି ଅବଲମ୍ବନ କରାଯାଏ । ପ୍ରଥମ ପଦ୍ଧତିଟି ହେଉଛି ସମୁଦ୍ର ବାଲି ଉପରେ ଶୁଖାଇବା । ଯେତେବେଳେ ମାଛ ଅତ୍ୟଧିକ ପରିମାଣରେ ଧରାଯାଏ ସେତେବେଳେ ଏହି ପଦ୍ଧତିଟି ଅବଲମ୍ବନ କରାଯାଏ । କିନ୍ତୁ, ଏହି ପଦ୍ଧତିରେ ଶୁଖୁଆର ଗୁଣବତ୍ତା କମିଯାଏ, କାରଣ ଏଥିରେ ବିଭିନ୍ନ ପ୍ରକାରର ଅଣୁଜୀବ ଓ ବାଲି ମିଶିଯାଏ । ଦ୍ୱିତୀୟ ପଦ୍ଧତିଟି ହେଉଛି ମଶିଣା ଉପରେ ଶୁଖାଇବା । ଏହା ଶୁଖୁଆର ଗୁଣବତ୍ତା କେତେକାଂଶରେ ବୃଦ୍ଧି କରେ, ଯେହେତୁ ମାଛ ସିଧାସଳଖ ବାଲି ସଂସ୍ପର୍ଶରେ ଆସିପାରେ ନାହିଁ । କିନ୍ତୁ ବାଲି ଉଡ଼ିକରି ଏଥିରେ ପଡ଼ି ଏହାର ଗୁଣବତ୍ତା କମାଇଦିଏ । ତୃତୀୟ ପଦ୍ଧତିଟି ହେଉଛି ସିମେଣ୍ଟ ଖଳାରେ ଶୁଖାଇବା । ଏଥିରେ ମାଛ ସହିତ ବାଲି ମିଶିପାରେ ନାହିଁ, କିନ୍ତୁ ଏହା ବହୁତ ସମୟ ନିଏ । କାରଣ ମାଛରୁ ବୋହୁଥିବା ପାଣି ମାଛ ତଳପଟ ଛାଇରେ ରହିଯାଏ । ଚତୁର୍ଥ ପଦ୍ଧତିଟି ହେଉଛି ଭାଡ଼ି ଉପରେ ଶୁଖାଇବା । ପାରମ୍ପାରିକ ପଦ୍ଧତିମାନଙ୍କ ମଧ୍ୟରେ ଏହା ସବୁଠାରୁ ଉତ୍ତମ । କାରଣ ଏହି ପଦ୍ଧତିରେ ଉଭୟ ତଳପଟୁ ଓ ଉପରପଟୁ ପବନ ବହି ମାଛକୁ ଶୁଖାଏ, ମାଛରୁ ବୋହୁଥିବା ପାଣି ତଳକୁ ଠପ୍ ଠପ୍ କରି ବୋହିଯାଏ ଏବଂ ବାଲି ସଂସ୍ପର୍ଶରେ ଆସିପାରେ ନାହିଁ ।

## ଶୁଖୁଆ ପ୍ରସ୍ତୁତିର ଆଧୁନିକ ପଦ୍ଧତି

ମାଛକୁ ଥାକ ଥାକ ଭାଡ଼ି କରି ଶୁଖାଇବା (ର୍‍ୟାକ୍ ଡ୍ରାଇଙ୍ଗ୍) ହିଁ ଶୁଖୁଆ ପ୍ରସ୍ତୁତିର ସବୁଠାରୁ ଭଲ ଉପାୟ । ଏହା ଏକ ଶସ୍ତା ଓ ସହଜ ପଦ୍ଧତି ମଧ୍ୟ । ଏହି ର୍‍ୟାକ୍ ବା ଥାକ ତିଆରି ପାଇଁ ପି.ଭି.ସି. ପାଇପ୍ ବ୍ୟବହାର କରି ଏକ ଦୁଇ-ଥାକିଆ ଫ୍ରେମ୍ ତିଆରି କରାଯାଏ ଓ ତା ଉପରେ ଦୁଇ ଥାକ ଜାଲ / ଜାଲି ଉପରେ ଦୁଇ ଥାକ ମାଛ ସଜାଇ ଶୁଖିଯାଏ । ଜାଲି ଉପରେ ଶୁଖିବା ହେତୁ ମାଛ ଉଭୟ ଉପରପଟୁ ଓ ତଳପଟୁ ପବନ ପାଇ ଖରାରେ ଶୁଖିଯାଏ ଓ ବାଲି ସଂସ୍ପର୍ଶରେ ଆସିପାରେ ନାହିଁ । ତେଣୁ ଉତ୍ତମ ଗୁଣବତ୍ତାର ଶୁଖୁଆ ତିଆରି ହୋଇପାରେ । ଭାଡ଼ିରେ ଶୁଖାଇବାଠାରୁ ମଧ୍ୟ ଏହା ଆହୁରି ଉତ୍ତମ, କାରଣ ଏଥିରେ ମାଛ ଜାଲ/ଜାଲି ଉପରେ ଶୁଖୁଥିବାରୁ ଖୁବ୍ ଭଲ ପବନ ପାଇ ଶୀଘ୍ର ଶୁଖିଯାଏ ।

## ଶୁଖୁଆ ତିଆରିରେ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ

ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କଲେ ଉତ୍ତମକୁ ଗୁଣବତ୍ତାର ଶୁଖୁଆ ପ୍ରସ୍ତୁତ ହୋଇପାରେ । କାରଣ ଏହାଦ୍ୱାରା ମାଛ, ବାହାରର ଅନେକ କ୍ଷତିକାରକ ଅଣୁଜୀବଙ୍କ ସଂସ୍ପର୍ଶରେ ଆସିବାରୁ ରକ୍ଷା ପାଏ ଓ ମାଛ ଦେହରେ ଥିବା ଅନେକ କ୍ଷତିକାରକ ଅଣୁଜୀବ ମରିଯାଅନ୍ତି କିମ୍ବା ଧୋଇ ହୋଇ ବାହାରିଯାଆନ୍ତି । ଏହା ବ୍ୟତୀତ ମାଛ ଦେହରେ ଥିବା ଅନେକଗୁଡ଼ିଏ ରୋଗକାରୀ ଅଣୁଜୀବ ଶୁଖୁଆ ଦେହରେ ରହିଗଲେ, ସେହି ଶୁଖୁଆକୁ ଖାଉଥିବା ବ୍ୟକ୍ତିଠାରେ ଏମାନେ ବିଭିନ୍ନ ପ୍ରକାର ରୋଗ ଉପୁଯାନ୍ତି ।

## ଉତ୍ତମ ଗୁଣବତ୍ତାର ଶୁଖୁଆ ପ୍ରସ୍ତୁତି ପାଇଁ ପରିଷ୍କାର ପରିଚ୍ଛନ୍ନ ଉପାୟ

୧. ଶୁଖୁଆ ତିଆରି ପାଇଁ ତଟକା ମାଛ ବ୍ୟବହାର କରିବା ଉଚିତ । ଦିନସାରା ବିକ୍ରୀ ପରେ ବଳକା ମାଛରୁ ଶୁଖୁଆ ତିଆରି କରିବା ଅନୁଚିତ ।

୨. ତଟକା ମାଛକୁ ସିଧାସଳଖ ସୂର୍ଯ୍ୟ କିରଣରେ ରଖିବା ଅନୁଚିତ । ଏହାକୁ ଛାଇ ଜାଗାରେ ରଖିଲେ ମାଛ ସତେଜ ରହେ ଓ ଭଲ ଶୁଖୁଆ ହୁଏ ।

୩. ଦୂରସ୍ଥାନକୁ ନେଇ ଶୁଖୁଆ ତିଆରି କରିବାର ଥିଲେ, ମାଛକୁ ପରିଷ୍କାର ଭାବରେ ଧୋଇ, ତା ସହିତ ଉତ୍ତମ ମାନର ଆବଶ୍ୟକ ପରିମାଣର ବରଫ ଭଲ ଭାବରେ ମିଶାଇ ଦିଅନ୍ତୁ । ସାଧାରଣତଃ ୧ କିଲୋ ମାଛ ପାଇଁ ୧ କିଲୋ ବରଫ ଆବଶ୍ୟକ ପଡ଼େ ।

୪. ମାଛମାନଙ୍କୁ ସଫା ଥଣ୍ଡା ପାଣିରେ ଧୋଇଦିଅନ୍ତୁ । କାରଣ ଅପରିଷ୍କାର ପାଣି ବ୍ୟବହାର କଲେ, ପାଣିରେ ଥିବା ଅଣୁଜୀବମାନେ ମାଛ ଦେହକୁ ଚାଲିଯାଆନ୍ତି ଓ ତାକୁ ଶୀଘ୍ର ନଷ୍ଟ କରିଦିଅନ୍ତି । ଖରାରେ ଗରମ ହୋଇ ଯାଇଥିବା ପାଣି ବ୍ୟବହାର କଲେ ମାଛ ଶୀଘ୍ର ନଷ୍ଟ ହୋଇଯାଏ ।

୫. ସାଧାରଣତଃ କୋକଲି, କାରା ଓ କାବ୍‌ଲା ଭଳି ଛୋଟ ମାଛମାନଙ୍କରୁ, ଲୁଣ ବ୍ୟବହାର ନ କରି, ସାଧା ଶୁଖୁଆ ପ୍ରସ୍ତୁତ କରାଯାଇଥାଏ । ଏଥିପାଇଁ ଧୁଆ ମାଛକୁ ଗୋଟି ଗୋଟି କରି ଖରାରେ ରଖାଯାଇଥିବା ଶୁଖାଇବା ଥାକ (ର୍‍ୟାକ୍ ଡ୍ରାୟର୍) ରେ ସଜାଡ଼ି ରଖନ୍ତୁ ଯେପରିକି ମାଛ ଉପରେ ସିଧାସଳଖ ଖରା ପଡ଼ିବ । ଏହିଭଳି ଭାବରେ ମାଛକୁ ଦିନସାରା ଖରାରେ ଶୁଖିବାକୁ ଦିଅନ୍ତୁ ଓ ପଶୁ ପକ୍ଷୀ ଯେପରି ଖାଇ ନ ଯାନ୍ତି ସେଥିପାଇଁ ଜଗି ରହନ୍ତୁ କିମ୍ବା ମାଛ ଉପରେ ଜାଲଟିଏ ଘୋଡ଼ାଇ ଦିଅନ୍ତୁ । ସୂର୍ଯ୍ୟ କିରଣ କମିଗଲେ ସନ୍ଧ୍ୟା ପୂର୍ବରୁ କିଛି ଅଂଶରେ ଶୁଖି ଆସିଥିବା ଏହି ମାଛକୁ ଗୋଟାଇ ପ୍ଲାଷ୍ଟିକ୍ ବାଲ୍‌ଟିରେ ରଖି ତାର ଘୋଡ଼ଣି ଦେଇ ରଖନ୍ତୁ । ଏହାଦ୍ୱାରା ଏଥିରେ ମାଛି ବସି ପାରେ ନାହିଁ ଓ ଶୁଖୁଆରେ ସହଜରେ ପୋକ ହୁଏ ନାହିଁ । କାରଣ ମାଛିର ଗୋଡ଼ରେ ହିଁ ଅନେକ ପୋକର ଅଣ୍ଡା ଲାଗି ରହିଥାଏ ଯାହା କି ଖାଲି ଆଖିକୁ ଦେଖାଯାଏ ନାହିଁ । ସକାଳ ହେଲେ ଶୁଖି ଆସିଥିବା ମାଛକୁ ବାଲ୍‌ଟିରୁ କାଢି ପୁଣି ର୍‍ୟାକ୍ ଡ୍ରାୟର୍‌ରେ ଶୁଖାନ୍ତୁ । ଏହିଭଳି କିଛି ଦିନ ଖରାରେ ଶୁଖାଇ ମାଛରୁ ଶୁଖୁଆ ପ୍ରସ୍ତୁତ କରନ୍ତୁ । କାବଲା ଭଳି ଅତି ଛୋଟ ମାଛରୁ ଶୁଖୁଆ କରିବା ପାଇଁ ସାଧାରଣତଃ ୧ ରୁ ୨ ଦିନ ଖରାରେ ଶୁଖାଇବାକୁ ପଡ଼ିଥାଏ । କାରା ଓ କାବ୍‌ଲା ଭଳି ଛୋଟ ମାଛରୁ ଶୁଖୁଆ କରିବା ପାଇଁ ସାଧାରଣତଃ ୨ ରୁ ୩ ଦିନ ଖରାରେ ଶୁଖାଇବାକୁ ପଡ଼ିଥାଏ । ଆବଶ୍ୟକ ସ୍ଥଳେ, ଏହି ଛୋଟ ମାଛମାନଙ୍କରୁ, ଲୁଣ ବ୍ୟବହାର କରି, ଲୁଣି ଶୁଖୁଆ ମଧ୍ୟ ପ୍ରସ୍ତୁତ କରାଯାଇଥାଏ ।

୬. କାନାଗୁର୍ତା, ଇଲିଶୀ, ତୁମୁଡ଼ା ଓ ଖଇଙ୍ଗା ଭଳି ବଡ଼ ମାଛମାନଙ୍କରୁ ଲୁଣି ଶୁଖୁଆ ପ୍ରସ୍ତୁତ କରିବାକୁ ପଡ଼ିଥାଏ । କାରଣ କେବଳ ଖରାରେ ଶୁଖାଇଲେ ଏହି ମାଛମାନଙ୍କରୁ, ଅତି ଭିତରେ ଥିବା ଜଳୀୟ ଅଂଶ, ବାହାରକୁ ଆସି ଶୁଖିପାରେ ନାହିଁ । ଏହି ଜଳୀୟ ଅଂଶ ମାଛ ଦେହରେ ରହିଯିବାରୁ ଅଣୁଜୀବମାନଙ୍କର ବଂଶବୃଦ୍ଧି ଘଟେ ଓ ମାଛ ଶୀଘ୍ର ନଷ୍ଟ ହୋଇଯାଏ । ତେଣୁ ଏହି ମାଛରେ ଲୁଣ ଦେଇ ଲୁଣି ଶୁଖୁଆ ପ୍ରସ୍ତୁତ କରାଯାଏ । ତେଣୁ ମାଛ ନଷ୍ଟ ହୁଏ ନାହିଁ । ଲୁଣି ଶୁଖୁଆ ପ୍ରସ୍ତୁତ କରିବା ପାଇଁ, ପ୍ରଥମେ କଂକ୍ରିଟ୍ ବା ପ୍ଲାଷ୍ଟିକ୍ ଲୁଣକୁଣ୍ଡକୁ ବ୍ଲିଚିଂ ପାଉଡ଼ର୍ ଦେଇ ଧୁଅନ୍ତୁ । କୁଣ୍ଡର ନିମ୍ନଭାଗରେ ଗୋଟିଏ ପରସ୍ତ ଲୁଣ ଢାଳି ଦିଅନ୍ତୁ । ଗୋଟି ଗୋଟି କରି ମାଛ ଦେହରେ ଲୁଣ ବୋଳି ଦିଅନ୍ତୁ ଓ ମାଛର ପେଟରେ ଲୁଣ ଭର୍ତ୍ତି କରି ଦିଅନ୍ତୁ । ଏହି ଲୁଣ ଦିଆଯାଇଥିବା ମାଛକୁ କୁଣ୍ଡ ଭିତରେ ସଜାଡ଼ି ରଖନ୍ତୁ । ମାଛ ଗୋଟିଏ ପରସ୍ତ ହୋଇଯିବା ପରେ, ତା ଉପରେ ଗୋଟିଏ ପରସ୍ତ ଲୁଣ ଢାଳନ୍ତୁ । ଏହିପରି ଭାବରେ ଲୁଣ ଓ ମାଛକୁ ପରସ୍ତ ପରସ୍ତ କରି ରଖନ୍ତୁ । କୁଣ୍ଡ ଭର୍ତ୍ତି ହୋଇ ଆସିଲେ ଉପରିଭାଗରେ ଗୋଟିଏ ମୋଟା ପରସ୍ତ ଲୁଣ ଦେଇ ଦିଅନ୍ତୁ । ତା ଉପରେ ଏକ କାଠ ପଟା ଘୋଡ଼ାଇ କୌଣସି ଏକ ଓଜନିଆ ଜିନିଷ ରଖି ଦିଅନ୍ତୁ ଯେପରିକି ଏହା ତଳେ ଥିବା ମାଛକୁ ଚାପି ରଖିବ । ଏହିଭଳି ଭାବରେ ତାକୁ ରାତି ସାରା ରଖିଦିଅନ୍ତୁ । ଛୋଟ ମାଛରୁ ଲୁଣି ଶୁଖୁଆ ପ୍ରସ୍ତୁତ କରିବାର ଥିଲେ, ଗୋଟି କରି ମାଛ ଦେହରେ ଲୁଣ ବୋଳିବାର ଆବଶ୍ୟକତା ନାହିଁ । କେବଳ ଲୁଣ ଓ ମାଛକୁ ପରସ୍ତ ପରସ୍ତ କରି ରଖନ୍ତୁ । ଏହିଭଳି ଭାବରେ ଲୁଣ ଦିଅ ଯାଇଥିବା ମାଛକୁ ଗୋଟିଏ ରାତି ରଖନ୍ତୁ ।

୭. ସକାଳୁ ଲୁଣ ଦିଆ ଯାଇଥିବା ମାଛକୁ କୁଣ୍ଡରୁ ବାହାର କରି ଗୋଟିଏ ପ୍ଲାଷ୍ଟିକ୍ ଟବ୍‌ରେ ରଖନ୍ତୁ ଓ ଏଥିରେ ହୋସ୍ ପାଇପ୍‌ରୁ ପାଣି ପକାଇ ହାତରେ ଆସ୍ତେ ଆସ୍ତେ ଖୁବ୍ କମ୍ ସମୟ ପାଇଁ ଧୁଅନ୍ତୁ ଯେପରିକି ମାଛର ଉପରି ଭାଗରେ ଲାଗିଥିବା ଲୁଣ ସବୁ ଧୋଇ ହୋଇଯିବ । କାରଣ ଏହି ଲୁଣ ମାଛ ଦେହରେ ଲାଗି ରହିଲେ, ଶୁଖାଇବାପରେ ଶୁଖୁଆକୁ ଘରେ ସାଇତି ରଖିବା ସମୟରେ, ଏହା ବାୟୁମଣ୍ଡଳରୁ ଜଳୀୟ ଅଂଶ ଟାଣି ମାଛର ଜଳୀୟ ଅଂଶ ବଢାଏ ଓ ଶୁଖୁଆକୁ ଶୀଘ୍ର ନଷ୍ଟ କରେ । ଧୋଇବା ପରେ ଏହି ମାଛକୁ ଗୋଟି ଗୋଟି କରି ଖରାରେ ରଖାଯାଇଥିବା ଶୁଖାଇବା ଥାକ (ର୍‍ୟାକ୍ ଡ୍ରାୟର୍)ରେ ସଜାଡ଼ି ରଖନ୍ତୁ ଓ ସାଧା ଶୁଖୁଆ ପ୍ରସ୍ତୁତ କଲାଭଳି ଏହାକୁ ଶୁଖାନ୍ତୁ । କାନାଗୁର୍ତା ଭଳି ବଡ଼ ମାଛରୁ ଶୁଖୁଆ କରିବା ପାଇଁ ୩ ରୁ ୪ ଦିନ ଖରାରେ ଶୁଖାଇବାକୁ ପଡ଼ିଥାଏ । ଇଲିଶୀ, ତୁମୁଡ଼ା ଓ ଖଇଙ୍ଗା ଭଳି ଅତି ବଡ଼ ମାଛମାନଙ୍କରୁ ଶୁଖୁଆ କରିବା ପାଇଁ ୪ ରୁ ୫ ଦିନ ଖରାରେ ଶୁଖାଇବାକୁ ପଡ଼ିଥାଏ ।

୮. ଉତ୍ତମ ଗୁଣବତ୍ତା ଲୁଣି ଶୁଖୁଆ ପ୍ରସ୍ତୁତ କରିବାକୁ ହେଲେ ପରିଷ୍କାର ଧଳା ଲୁଣ ବ୍ୟବହାର କରିବା ଆବଶ୍ୟକ । କାରଣ ମାଟିଆ ଅପରିଷ୍କାର ଲୁଣ ବ୍ୟବହାର କଲେ, ଏଥିରେ ଥିବା କେତେକ ଲୁଣପ୍ରିୟ ଅଣୁଜୀବ ଲୁଣି ଶୁଖୁଆ ଦେହରେ ବଢି ତାକୁ ଶୀଘ୍ର ନଷ୍ଟ କରି ଦିଅନ୍ତି ଏବଂ ଏଥିରେ ଥିବା କେତେକ ରାସାୟନିକ ପଦାର୍ଥ ଶୁଖୁଆର ଗୁଣବତ୍ତା କମାଇଦିଅନ୍ତି । ସାଧାରଣତଃ ଲୁଣି ଶୁଖୁଆ ପ୍ରସ୍ତୁତି ପାଇଁ ପଗଡ଼ ଲୁଣ ବ୍ୟବହାର କରାଯାଇଥାଏ । ଏହା ମାଛ ଦେହରେ ଆସ୍ତେ ଆସ୍ତେ ଭେଦିଥାଏ ଓ ମାଛର ଜଳୀୟ ଅଂଶକୁ ଧୀରେ ଧୀରେ ବାହାର କରିଥାଏ । ଗୁଣ୍ଡ ଲୁଣ ବ୍ୟବହାର କଲେ ଏହା ଶୀଘ୍ର ଭେଦିଯାଏ ଓ ଜଳୀୟ ଅଂଶକୁ ଖୁବ୍ ଶୀଘ୍ର ବାହାର କରିଦିଏ, କିନ୍ତୁ ଏଥିଯୋଗୁଁ ମାଛର ଉପରିଭାଗ କଠିନ ହୋଇଯାଏ ଓ ଏହା ଭିତରରେ ଜଳୀୟ ଅଂଶ ବାହାରକୁ ଆସିବାରେ ବାଧା ସୃଷ୍ଟି କରେ । ତେଣୁ ଭଲ ଶୁଖୁଆ ପାଇଁ ୨ ଭାଗ ପଗଡ଼ ଲୁଣ ସହିତ ୧ ଭାଗ ଗୁଣ୍ଡ ଲୁଣ ମିଶାଇ ବ୍ୟବହାର କରିବା ଭଲ । ଲୁଣର ପରିମାଣ ମାଛର ଆକାର ଉପରେ ନିର୍ଭର କରେ । ଅତି ଛୋଟ ମାଛ ପାଇଁ ୧୦ କିଲୋ ମାଛ ପ୍ରତି ୧ କିଲୋ ଲୁଣରୁ ଆରମ୍ଭ କରି ଅତି ବଡ଼ ମାଛ ପାଇଁ ୩ କିଲୋ ମାଛ ପ୍ରତି ୧ କିଲୋ ଲୁଣ ପର୍ଯ୍ୟନ୍ତ ବ୍ୟବହାର କରାଯାଏ ।

୯. ପ୍ୟାକିଂ ପାଇଁ ଶୁଖୁଆକୁ ଗୋଟିଏ ଗୋଟିଏ ମୋଟା ପଲିଥିନ୍ ପ୍ୟାକେଟ୍‌ରେ ରଖି ଓଜନ ଯନ୍ତ୍ରରେ ଓଜନ କରନ୍ତୁ ଓ ବିଦ୍ୟୁତ୍ ଚାଳିତ ସିଲିଂ ଯନ୍ତ୍ରରେ ବନ୍ଦ କରନ୍ତୁ । ଅଧିକ ପରିମାଣର ଶୁଖୁଆ ହୋଇଥିଲେ, ପ୍ଲାଷ୍ଟିକ୍ ବସ୍ତାରେ ରଖି ଓଜନ କରିବା ପରେ ବସ୍ତାର ମୁହଁକୁ ଭଲଭାବରେ ସିଲେଇ କରନ୍ତୁ । ଭଲ ପ୍ୟାକିଂ ହୋଇଥିଲେ, ଶୁଖୁଆକୁ ସାଇତି ରଖିବା ସମୟରେ ପୋକ ଯୋକ ପଶି ନଷ୍ଟ କରିପାରନ୍ତି ନାହିଁ । ଏହା ବ୍ୟତୀତ ବାହାରର ଜଳୀୟ, ଅଂଶ ମଧ୍ୟ ଶୁଖୁଆ ଭିତରକୁ ପଶି ପାରେ ନାହିଁ ।

୧୦. ଫମ୍ପିରୁ ରକ୍ଷା ପାଇବା ପାଇଁ ମାଛ ଧୋଇବା ପରେ ୧୦ ଗ୍ରାମ ସୋଡ଼ିଅମ୍ ବେନ୍‌ଜୋଏଟ୍ ୧୦ ଲିଟର ପାଣିରେ ପକାଇ ସେଥିରେ ମାଛକୁ ୧୦ ମିନିଟ୍ ବୁଡ଼ାଇ ରଖିବା ପରେ ଛାଣି ଶୁଖାନ୍ତୁ ।

୧୧. ଅଧିକ ଚିକ୍କଣଯୁକ୍ତ ମାଛରୁ ତିଆରି ଶୁଖୁଆ ଅଳ୍ପଦିନ ମଧ୍ୟରେ ରହଣିଆ ଗନ୍ଧଯୁକ୍ତ ହୋଇ ନଷ୍ଟ ହୋଇଯାଏ । ଏଥିରୁ ରକ୍ଷା ପାଇବା ପାଇଁ ବି. ଏଚ୍. ଏ. କିମ୍ବା ବି.ଏଚ୍.ଟି. କିମ୍ବା ବି. ଏଚ୍. ସି. ଭଳି କେତେକ ରାସାୟନିକ ଦ୍ରବ୍ୟ ବ୍ୟବହାର କରନ୍ତୁ ।

୧୨. ଶୁଖୁଆ ଦୂରଦୂରାନ୍ତ ବଜାରରେ ବିକ୍ରୀ ହେବାର ଥିଲେ କିମ୍ବା ରପ୍ତାନୀ ହେବାର ଥିଲେ, ଆଲୁମିନିୟମ୍‌ଯୁକ୍ତ ପଲିଥିନ୍ ମୁଣାରେ ରଖି ବାୟୁ ଶୂନ୍ୟ ପ୍ୟାକି (ଭାକ୍ୟୁମ୍ ପ୍ୟାକିଂ) କିମ୍ବା ନାଇଟ୍ରୋଜେନ୍ ଫ୍ଲସ୍ ପ୍ୟାକିଂ କରନ୍ତୁ ।

୧୩. ଶୁଖୁଆ ସାଇତି ରଖିବା ପାଇଁ ଏକ ଥଣ୍ଡା ଶୁଖିଲା ଆବଦ୍ଧଗୃହ ବ୍ୟବହାର କରନ୍ତୁ, ନଚେତ୍ ବିଭିନ୍ନ ପୋକଜୋକ ଓ ଜନ୍ତୁ ଆଦି ଶୁଖୁଆକୁ ଖାଇଯାଆନ୍ତି କିମ୍ବା ନଷ୍ଟ କରିଦିଅନ୍ତି । ସନ୍ତସନ୍ତିଆ ଘରେ ଶୁଖୁଆ ରଖନ୍ତୁ ନାହିଁ, କାରଣ ଏଠାରେ ରଖିଲେ ଶୁଖୁଆରେ ଫିମ୍ପି ଲାଗିଯାଏ ।

## 'ସୋଲାର୍' ପଦ୍ଧତିରେ ଶୁଖୁଆ ପ୍ରସ୍ତୁତି :

ପ୍ରାକୃତିକ ଭାବରେ ମାଛ ଶୁଖାଇବା ପାଇଁ ଖୋଲା ପବନ ଓ ସୂର୍ଯ୍ୟକିରଣ ଆବଶ୍ୟକ ହୋଇଥାଏ । କିନ୍ତୁ ଏହି ପଦ୍ଧତିରେ କିଛି ଅସୁବିଧା ଦେଖାଯାଇଥାଏ । ସେଗୁଡ଼ିକ ହେଲା -

ଅଧିକ ସମୟର ସୂର୍ଯ୍ୟକିରଣ ଆବଶ୍ୟକ । କାରଣ, ଶୁଖିବା ପାଇଁ ଅଧିକ ସମୟ ଲାଗିଥାଏ । ଉପଯୁକ୍ତ ସୂର୍ଯ୍ୟକିରଣ ନ ପାଇ ଶୁଖିବା ପ୍ରଣାଳୀ ବିଳମ୍ବିତ ହୋଇଥାଏ । ଯେଉଁ ଅଂଚଳରେ ଅଧିକ ଜଳୀୟବାଷ୍ପ ଥାଏ, ସେହି ଅଂଚଳରେ ମାଛ ଶୁଖାଇବା କାମ ଧିମା ପଡ଼ିଯାଏ । ସୋଲାର ପଦ୍ଧତିରେ ଶୁଖୁଆ ପ୍ରସ୍ତୁତି ବେଶ୍ ସରଳ ଓ ଶସ୍ତା ପଦ୍ଧତି ଅଟେ । ସୋଲାର୍ ତମ୍ବୁରେ ସୂର୍ଯ୍ୟ କିରଣର ଉତ୍ତାପକୁ ଅଧିକ ସମୟ ଧରି ରଖି ହୁଏ । ଫଳରେ ଅଧିକ ଉତ୍ତାପରେ ଭଲ ଓ ଶୀଘ୍ର ମାଛ ଶୁଖାଇବା କାର୍ଯ୍ୟ ହୋଇଥାଏ, ଏବଂ ଶୁଖିଲା ମାଛରେ କମ୍ ପରିମାଣର ଜଳୀୟ ଅଂଶ ରହେ । ମାଛ ଶୁଖାଇବା ଓ ସଂରକ୍ଷଣ କରିବା ସମୟରେ ମାଛ ନଷ୍ଟ ହେବାର ସମ୍ଭାବନା ନ ଥାଏ । ସୋଲାର୍ ଟେଣ୍ଟ ମଧ୍ୟରେ ଉଚ୍ଚ ଉତ୍ତାପ ସୃଷ୍ଟି ହେଉଥିବା ଯୋଗୁଁ ମାଛରେ ଜୀବାଣୁମାନଙ୍କର ବଂଶ ବୃଦ୍ଧି ହୁଏ । ଏହା ମାଛରେ ଥିବା ଅନ୍ୟାନ୍ୟ ପୋକଯୋକ ବା ସେମାନଙ୍କର ଲାର୍ଭାକୁ ମାରି ଦେଇଥାଏ । କିନ୍ତୁ ବାହାରେ ସୂର୍ଯ୍ୟ କିରଣରେ ଶୁଖାଇବା ଫଳରେ ଏହି ପୋକ ଓ ଲାର୍ଭା ମାନଙ୍କ ଦ୍ୱାରା ମାଛର କ୍ଷତି ହୋଇଥାଏ ।

ଉପରୋକ୍ତ କରଣ ଯୋଗୁଁ 'ସୋଲାର୍' ପଦ୍ଧତିରେ ମାଛ ଶୁଖାଇବା ଅଧିକ ଉପଯୋଗୀ ହୋଇଥାଏ । ଏହା ଏକ ଉନ୍ନତି ପଦ୍ଧତି, ଯେଉଁଥିରେ ସୂର୍ଯ୍ୟକିରଣର ଉପଯୋଗ କରି ମାଛମାନଙ୍କୁ ସଂରକ୍ଷଣ କରାଯାଏ ।

ଉକ୍ତ ପଦ୍ଧତିରେ ମାଛ ଶୁଖାଇବା ପାଇଁ ଏକ ସୋଲାର୍ ଟେଣ୍ଟ୍ ବା ସୋଲାର୍ ତମ୍ବୁ ଆବଶ୍ୟକ ହୋଇଥାଏ । ଏହା ଗୋଟିଏ ସୋଲାର ଟେଣ୍ଟ୍ ବା ଟେଣ୍ଟ୍ ଡ୍ରାୟାରଟି ପ୍ରାୟ ସମ୍ପୂର୍ଣ୍ଣ ଭାବରେ ନିବୁଜ ହୋଇଥାଏ । ଏହା ମଧ୍ୟକୁ ବର୍ଷା, ଧୂଳି, ପୋକ ଓ ସେମାନଙ୍କ ଲାର୍ଭା ପ୍ରବେଶ କରିପାରେ ନାହିଁ । ଟେଣ୍ଟ୍ ମଧ୍ୟକୁ ଥିବା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରା ଏବଂ ବାୟୁ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ମଶା ଜାଲ ଦ୍ୱାରା ଘୋଡ଼ାଇ ଦିଆଯାଇଥାଏ । ଉପରୋକ୍ତ ସମସ୍ତ ବ୍ୟବସ୍ଥା ଉନ୍ନତ ଶୁଖିଲା ମାଛ ପ୍ରସ୍ତୁତି ପାଇଁ ସାହାଯ୍ୟ କରେ ।

## ସୋଲାର୍ ଟେଣ୍ଟ୍‌ର ଗଠନ :

ଗୋଟିଏ ସୋଲାର୍ ଟେଣ୍ଟ୍ ତିଆରି ଅତ୍ୟନ୍ତ ସହଜ । ଗୋଟିଏ ଡ୍ରାୟରର ଗଠନ ଏକ ଟେଣ୍ଟ୍ ସଦୃଶ ଅଟେ । ବାଉଁଶ ବା କାଠବଲ୍ଲା ଉପରେ ମୋଟା ପ୍ଲାଷ୍ଟିକ ଚଦର ଦେଇ ଏହି ଟେଣ୍ଟ୍ ପ୍ରସ୍ତୁତ କରାଯାଏ । ଯେଉଁ ଦିଗରୁ ସୂର୍ଯ୍ୟ କିରଣ ଆସୁଥାଏ ଏବଂ ଟେଣ୍ଟ୍‌ର ଉଭୟ ପାର୍ଶ୍ୱ ଦଣ୍ଡାୟମାନ ସ୍ୱଚ୍ଛ ପ୍ଲାଷ୍ଟିକ ଚାଦର ଦ୍ୱାରା ଢାଙ୍କି ଦିଆଯାଏ । ଟେଣ୍ଟ୍‌ର ଯେଉଁ ପାର୍ଶ୍ୱରେ ଛାଇ ଥାଏ ଏବଂ ଭୂମି ଉପରେ ସ୍ଥାନରେ କଳା ରଙ୍ଗର ପ୍ଲାଷ୍ଟିକ ଚଦର ଉପଯୋଗ କରାଏ । କଳା ରଙ୍ଗର ପ୍ଲାଷ୍ଟିକ ଚଦର ସୂର୍ଯ୍ୟ ପ୍ରକୋପକୁ ଗ୍ରହଣ କରି ଧରିରଖେ, ଫଳରେ ଟେଣ୍ଟ୍ ଭିତରର ଉତ୍ତାପ ବଜାୟ ରହେ । ସୋଲାର୍ ଟେଣ୍ଟ୍ ପୁରା ଲମ୍ବାରେ ଏକ ମାଛ ଶୁଖା ର୍‍ୟାକ୍ ଭୂମି ଉପରୁ ୩୦ ସେ.ମି. ଉଚ୍ଚତାରେ ରଖାଯାଇଥାଏ । ଏହି ର୍‍ୟାକ୍ ଉପରେ ମାଛକୁ ଖେଳାଇ ରଖାଯାଏ । ଏହି ର୍‍ୟାକ୍‌କୁ ଟେଣ୍ଟ୍ ଭିତରେ ରଖିବା ପାଇଁ